# Dr. Abdullah Abdullah, Chairman, High Council for National Reconciliation of Afghanistan meets Prime Minister

October 08, 2020

# ଆଫଗାନିସ୍ତାନ ଜାତୀୟ ସମନ୍ୱୟ ପାଇଁ ଉଚ୍ଚ ପରିଷଦ ଅଧ୍ୟକ୍ଷ ଡା. ଅବଦୁଲ୍ଲା ଅବଦୁଲ୍ଲା ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି

08 ଅକ୍ଟୋବର, 2020

ଆଜି ସକାଳେ (08 ଅକ୍ଟୋବର) ଆଫଗାନିସ୍ତାନ ଜାତୀୟ ସମନ୍ୱୟ ପାଇଁ ଉଚ୍ଚ ପରିଷଦ ଅଧ୍ୟକ୍ଷ ଡା. ଅବଦୁଲ୍ଲା ଅବଦୁଲ୍ଲା ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ସରକାରଙ୍କ 'ପଡ଼ୋଶୀ ପ୍ରଥମେ' ନୀତି ମନେରଖି, ପ୍ରଧାନମନ୍ତ୍ରୀ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଐତିହାସିକ ସମ୍ବନ୍ଧକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତର ଦୀର୍ଘସ୍ଥାୟୀ ପ୍ରତିଶ୍ରୁତିକୁ ସୁନିଶ୍ଚିତ କରିଛନ୍ତି। ଉଭୟ ନେତା, ଦ୍ୱିପାକ୍ଷିକ ଓ ଆଞ୍ଚଳିକ ହିତର ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଡା. ଅବଦୁଲ୍ଲା ଅବଦୁଲ୍ଲା, ଆଫଗାନ୍ ଶାନ୍ତି ପ୍ରକ୍ରିୟା ତଥା ଦୋହାରେ ଚାଲୁଥିବା ଆଲୋଚନା ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ।

ଆଫଗାନ୍ ସହିତ ଭାରତର ବିକାଶ ସହଯୋଗ ସମେତ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

ଡା. ଅବଦୁଲ୍ଲା ଅବଦୁଲ୍ଲା, 3 ବିଲିୟନ୍ ଆମେରିକୀୟ ଡଲର୍‌ର ଭାରତୀୟ ବିକାଶାତ୍ମକ ପ୍ରତିଶ୍ରୁତିର ପ୍ରଶଂସା କରିଥିଲେ, ଯାହା ଅନ୍ତର୍ଗତ ସମସ୍ତ 34ଟି ପ୍ରାନ୍ତରେ ଆଫଗାନ୍ ଲାଭାନ୍ୱିତ ହେଉଛି।

ପ୍ରଧାନମନ୍ତ୍ରୀ, ଆଫଗାନିସ୍ତାନର ସ୍ଥାୟୀ ଶାନ୍ତି ଓ ସମୃଦ୍ଧି ପାଇଁ ଭାରତର ପ୍ରଶିଶ୍ରୁତିର ପୁନରାବୃତ୍ତି କରିଥିଲେ ଏବଂ ଆଫଗାନିସ୍ତାନରେ ଏକ ବ୍ୟାପକ ଓ ସ୍ଥାୟୀ ସଂଘର୍ଷ ବିରାମ ଦିଗରେ ପ୍ରୟାସର ସ୍ୱାଗତ କରିଥିଲେ।

ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ୍, 7 ଅକ୍ଟୋବରକୁ ଡା. ଅବଦୁଲ୍ଲା ଅବଦୁଲ୍ଲାଙ୍କୁ ସାକ୍ଷାତ କରିଥିଲେ ଏବଂ ଆଫଗାନ୍ ଶାନ୍ତି ପ୍ରକ୍ରିୟା ଓ ସମ୍ବନ୍ଧିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ, ଯେଉଁଥିରେ ସମଗ୍ର ଆଫଗାନିସ୍ତାନରେ ହିଂସା ସ୍ତରରେ ବୃଦ୍ଧି ଏବଂ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ଅନ୍ତର୍ଭୁକ୍ତ ଥିଲା।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡା. ଏସ୍. ଜୟଶଙ୍କର ଆସନ୍ତାକାଲି, ଅର୍ଥାତ 9 ଅକ୍ଟୋବର, 2020ରେ ଡା. ଅବଦୁଲ୍ଲା ଅବଦୁଲ୍ଲାଙ୍କ ସହ ଆଲୋଚନା କରିବେ।

ନୂଆ ଦିଲ୍ଲୀ
08 ଅକ୍ଟୋବର, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.